ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 902/21-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୧ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପାୟନକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମହାନଦୀ ନଦୀ ବନ୍ଦର ପ୍ରକଳ୍ପ ନିର୍ମାଣକୁ ଅଗ୍ରାଧିକାର ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଦଳ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାର୍ଷିକ ୫୪ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ରହିଥିବା ଏହି ପ୍ରସ୍ତାବିତ ପ୍ରକଳ୍ପ ମହାକାଳପଡ଼ା ବ୍ଲକ୍‌ର ଆଖଡ଼ାଶାଳୀ ଗ୍ରାମରେ ସ୍ଥାପିତ ହେବ ଏବଂ ସେହି ଅଞ୍ଚଳର ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ୪୦୦୦ କୋଟି ଟଙ୍କାରୁ ଅଧିକ ପୁଂଜିନିବେଶ ହେବାକୁ ଥିବା ଏହି ପ୍ରକଳ୍ପ ପ୍ରାୟ ୬୦୦୦ ଲୋକଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ନଦୀ ବନ୍ଦର ପ୍ରକଳ୍ପ ପାରାଦ୍ୱୀପ ବନ୍ଦର ଦ୍ୱାରା ବିକଶିତ ହେବ ଏବଂ ସେଥିପାଇଁ ଓଡ଼ିଶା ସରକାରଙ୍କ ସହିତ ରାଜିନାମା ସ୍ୱାକ୍ଷର ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି । ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସହଯୋଗର ବ୍ୟବସ୍ଥା କରିବେ ଏବଂ ଏଥିପାଇଁ ୩୦୦ ଏକର ଜାଗା ଚିହ୍ନଟ ହୋଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଆଜି ଓଡ଼ିଶା ଖଣିଜବହୁଳ ଅଞ୍ଚଳ ଉନ୍ନୟନ ନିଗମ ଅଧୀନରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି । ସେ ସଂପୃକ୍ତ ପ୍ରଶାସନିକ ବିଭାଗଗୁଡ଼ିକୁ ତୃତୀୟ ପକ୍ଷ ତଦାରଖ ଦ୍ୱାରା ପ୍ରକଳ୍ପଗୁଡ଼ିକର ଗୁଣାତ୍ମକତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

- ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗଗୁଡ଼ିକୁ ସ୍ୱାଧୀନ ବୈଷୟିକ ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳନା ସହିତ ତୃଣମୂଳସ୍ତରରେ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ମଧ୍ୟ ଶିକ୍ଷା ଓ ବୈଷୟିକ ପ୍ରତିଷ୍ଠାନଗୁଡ଼ିକର ଆଧୁନିକୀକରଣ ପାଇଁ ଆବଶ୍ୟକୀୟ ଉପକରଣ, ଶ୍ରେଣୀ କକ୍ଷ ସାମଗ୍ରୀ ଓ ସାଧାରଣ ପଦାର୍ଥ ମେକ୍ ଇନ୍ ଓଡ଼ିଶା ଅଭିଯାନ ଅଧୀନରେ ପ୍ରୋତ୍ସାହିତ ସ୍ଥାନୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକରୁ କ୍ରୟ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ କହିଲେ ଯେ ସରକାରୀ ଆଇଟିଆଇ ଏବଂ ଇଂଜିନିୟରିଂ ସ୍କୁଲର ଆଧୁନିକୀକରଣ ସମେତ ଜନଜାତି ଯୁବକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଓଡ଼ିଶା ଖଣିଜବହୁଳ ଅଞ୍ଚଳ ଉନ୍ନୟନ ନିଗମ ପାଣ୍ଠିରେ ପ୍ରକଳ୍ପମାନ କାର୍ଯ୍ୟକାରୀ ହେଉଛି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭିତରେ ଆନୁମାନିକ ୮.୮୦ କୋଟି ଟଙ୍କାରେ ୧୨୦୦ ଜନଜାତି ଯୁବକଙ୍କର ନିଯୁକ୍ତିସଂପୃକ୍ତ ତାଲିମ କାର୍ଯ୍ୟକ୍ରମ, ୮.୦୫ କୋଟି ଟଙ୍କାରେ ୪ଟି ଛାତ୍ରାବାସୀ ଓ ୨ଟି ଦକ୍ଷତା ବିକାଶ କେନ୍ଦ୍ରର ନିର୍ମାଣ ଏବଂ ୦.୯୭ କୋଟି ଟଙ୍କାରେ ଖଣିଜବହୁଳ ଅଞ୍ଚଳ ଉନ୍ନୟନ ନିଗମ ଅଧୀନସ୍ଥ ୪ଟି ଜିଲ୍ଲାରେ ପ୍ରାକ୍-ନିଯୁକ୍ତି ତାଲିମ ଶିବିର ଆୟୋଜନ ଅନ୍ତର୍ଭୁକ୍ତ । ବର୍ତ୍ତମାନ ସୁଦ୍ଧା ୨୪୩ ଜଣ ଯୁବକ ତାଲିମ ଶେଷ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ ୧୩୨ ଜଣ ଯୁବକ ନିଯୁକ୍ତି ପାଇଛନ୍ତି ।
- ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ଉମା ନାନ୍ଦୁରୀଙ୍କ ସମେତ ସଂପୃକ୍ତ ବିଭାଗଗୁଡ଼ିକର ବରିଷ୍ଠ ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

➢ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୨୦ ରୁ ୨୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୧୭ ଜଣ ବ୍ୟକ୍ତିଙ୍କୁ ଗିରଫ, ୫୨୩ ଟି ଗାଡ଼ି ଜବତ ଏବଂ ୧୯,୫୧,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୬,୩୫,୯୮୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୬,୫୯୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୧,୬୪୭ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୩୯ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୦୫୭ ରହିଛି ।
- ୩,୦୫୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**